**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**2 April - 2024**

# ଜିଏସଟି ଆଦାୟ

ଦେଶର ଅର୍ଥନୀତି ଗତିଶୀଳ ହେଉଥିବାରୁ ଦ୍ରବ୍ୟ ଓ ସେବା କର-ଜିଏସଟି ଗତ ମାର୍ଚ୍ଚ ମାସରେ ୧ ଲକ୍ଷ ୭୮ ହଜାର କୋଟି ଟଙ୍କା ସଂଗ୍ରହ କରାଯାଇଛି । ଗତ ଆର୍ଥିକ ବର୍ଷରେ ଜିଏସଟିରେ ୧୧ ଦଶମିକ ୫ ପ୍ରତିଶତ ବାର୍ଷିକ ବୃଦ୍ଧି ଘଟିଥିବା ନେଇ ସରକାରୀ ସୂତ୍ରରୁ ଜଣାପଡ଼ିଛି । ଗତ ଆର୍ଥିକ ବର୍ଷରେ ମୋଟ୍ ଜିଏସଟି ବାବଦରେ ୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ଗତ ଆର୍ଥିକବର୍ଷ ୨୦୨୩-୨୪ରେ ଜିଏସଟି ରାଜସ୍ୱ ସଂଗ୍ରହ ୧୧ ଦଶମିକ ୭ ପ୍ରତିଶତ ଅଧିକ ଥିଲା ।

# ସକାଳୁଆ ସ୍କୁଲ୍

ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ଆଜିଠାରୁ ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସକାଳୁଆ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ । ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଆଜି ସକାଳୁ ଆରମ୍ଭ ହୋଇଛି ।

## ଶାନ୍ତିଲତା ବାରିକଙ୍କ ପରଲୋକ

ଲୋକପ୍ରିୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କର ଗତକାଲି ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ଓଡ଼ିଶା ସମେତ ଦେଶ ବିଦେଶରେ ଥିବା ତାଙ୍କ ପ୍ରଶଂସକ ଓ ସଂଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି ।

ଭଜନ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଶାନ୍ତିଲତାଙ୍କ ଉଦ୍ୟମ ଥିଲା ପ୍ରଶଂସନୀୟ । ତାଙ୍କର ଭଜନ ମଧ୍ୟରେ "ଭଜି ଭଜି ତୋ ନାମ ଚକାନୟନ.." ଲୋକପ୍ରିୟ ଥିଲା । ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

## ଚଡ଼କ ମେଳା

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର ଚନ୍ଦନେଶ୍ୱରଙ୍କ ପ୍ରସିଦ୍ଧ ଚଡ଼କ ମେଳା ଗତକାଲିଠାରୁ ଆରମ୍ଭ ହୋଇଛି । ମହାଦେବଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ ପରେ ଧ୍ୱଜ ବାଉଁଶ ଛେଦନ କରାଯାଇ ଥିଲା। ଏହା ୧୨ ଦିନ ଧରି ଚାଲିବ। ଏପ୍ରିଲ ୧୧ତାରିଖରେ ନୀଳ ପର୍ବ ଓ ୧୨ ତାରିଖରେ ମହାପାଟ ପର୍ବ ଅନୁଷ୍ଠିତ ହେବା ପରେ ଚଡ଼କ ମେଳା ଉଦ୍‌ଯାପିତ ହେବ।

## କାୟାକଳ୍ପ ପୁରସ୍କାର

ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇବାକୁ ମନୋନୀତ ହୋଇଛି । ସରକାରଙ୍କ ପକ୍ଷରୁ ଡାକ୍ତରଖାନାର ବିଭିନ୍ନ ମାପଦଣ୍ଡ ଅନୁଯାୟୀ ମୂଲ୍ୟାୟନ କରିବା ପରେ ଏହି ପୁରସ୍କାର ଦିଆଯାଇଥାଏ ବୋଲି ହୀରାକୁଦ ମେଡିକାଲ ଅଧୀକ୍ଷକ ଡାକ୍ତର ଅନମୋଲ ମିଞ୍ଜ କହିଛନ୍ତି ।

# ଅଟିଜିମ୍ ଦିବସ

ଆଜି ବିଶ୍ୱ ଅଟିଜିମ୍ ଦିବସ । ଅଟିଜିମ ରୋଗ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମସ୍ତିଷ୍କର ବିକାଶ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗର ଶିକାର ହୋଇଥିବା ଲୋକମାନଙ୍କର ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣ ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ ।

# ୟୁପିଆଇ କାରବାର

ଦେଶରେ ଗତ ଆର୍ଥିକବର୍ଷ ୨୦୨୩-୨୪ରେ ୟୁପିଆଇ ଡିଜିଟାଲ ନେଣଦେଣ କାରବାର ୫୭ ପ୍ରତିଶତ ଏବଂ ମୂଲ୍ୟରେ ୪୪ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୩ ମସିହା ମାର୍ଚ୍ଚମାସ ତୁଳନାରେ ୨୦୨୪ ମାର୍ଚ୍ଚ ମାସରେ ୧ ହଜାର ୩୪୪ କୋଟି ଟଙ୍କା ୟୁପିଆଇ ଜରିଆରେ କାରବାର ହୋଇଥିଲା । ସେହିପରି ଜାତୀୟ ରାଜପଥ ଗୁଡ଼ିକର ଟୋଲ୍‌ଗେଟ୍‌ରେ

ବ୍ୟବହୃତ ଫାସ୍‌ଟ୍ୟାଗ୍ କାରବାର ଏହି ସମୟ ମଧ୍ୟରେ ୧୧ ପ୍ରତିଶତ ବୃଦ୍ଧି ଘଟିଛି । ହେଲେ ଆଧାର ସହିତ ସଂଶ୍ଲିଷ୍ଟ ଡିଜିଟାଲ ନେଣଦେଣ କାରବାର ଗତ ଆର୍ଥିକ ବର୍ଷରେ ୧ ପ୍ରତିଶତ କମ୍ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି ।

## ପାଣିପାଗ

ରାଜ୍ୟରେ ଆସନ୍ତା କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୬ ତାରିଖ ସୁଦ୍ଧା ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଆଜି କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ, ସୋନପୁର ଓ ମାଲକାନଗିରି ଜିଲ୍ଲାରେ ରାତ୍ରି ତାପମାତ୍ରା ବଢ଼ିବା ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଗତକାଲି ୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଥିଲା । ଝାରସୁଗୁଡ଼ା ଓ ବାରିପଦାଠାରେ ସର୍ବାଧିକ ୪୦ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗିର ୪୦ ଦଶମିକ ୩, ବୌଦ୍ଧ, ନୟାଗଡ଼, ଭବାନୀପାଟଣା, ତାଳଚେର ଓ ଟିଟିଲାଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି ।